ପ୍ରମେୟ
THE PRAMEYA
f prameyaodia
PRINTED AT BHUBANESWAR SAMBALPUR PANIKOILI
RNI REGD NO: ODIODI/2011/37619 - POSTAL REGD NO: BN/208/15-17
• 23 JULY 2017 • ବର୍ଷ ୭ • ସଂଖ୍ୟା ୮୩ • ପାଣିକୋଇଲି • ରବିବାର • ୨୩ ଜୁଲାଇ ୨୦୧୭

# ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ଆଲୋଚନାଚକ୍ର

ବରୀ,୨୨।୭(ଆପ୍ର): ବରୀ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପଲ୍ଲିଶ୍ରୀ ପକ୍ଷରୁ 'ବିପର୍ଯ୍ୟୟ ପ୍ରଶମନ ପରିଚାଳନାରେ ପଞ୍ଚାୟତରାଜ ପ୍ରତିନିଧିମାନଙ୍କର ଭୂମିକା' ସମ୍ପର୍କରେ ଏକ ଆଲୋଚନାଚକ୍ର ବରୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପଲ୍ଲିଶ୍ରୀର ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥିଭାବେ ବ୍ଲକ ଅଧକ୍ଷା ସୁନନ୍ଦା ଦାସ ଯୋଗ ଦେଇ ରାଜନୈତିକ ଊର୍ଦ୍ଧ୍ୱକୁ ଯାଇ ମାନବିକାତା ପ୍ରଦର୍ଶନପୂର୍ବକ ବିପର୍ଯ୍ୟୟ ସମୟରେ ସମସ୍ତଙ୍କୁ ସହାୟତା କରିବା ପାଇଁ ପଞ୍ଚାୟତ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ।

ବ୍ଲକ ଭାରପ୍ରାପ୍ତ ବିଡିଓ ମହେଶ୍ୱର ସେଠୀ ବିପର୍ଯ୍ୟୟ ପରିଚାଳନାରେ ପଞ୍ଚାୟତ ପ୍ରତିନିଧିମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଉପାଧକ୍ଷ ରମେଶ ଚନ୍ଦ୍ର ଭଞ୍ଜ, ଅକ୍ସଫୋର୍ଡ ଇଣ୍ଡିଆର କାର୍ଯ୍ୟକ୍ରମ ଅଧିକାରୀ ଅନିମେଷ ପ୍ରକାଶ, ଆଞ୍ଚଳିକ ପ୍ରବନ୍ଧକ ଅମୀୟ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଟାସ୍କଫୋର୍ସ ଗଠନ, ସେମାନଙ୍କର ଦକ୍ଷତା ବିକାଶ ଓ ପ୍ରତିନିଧିମାନେ କିପରି ନିଜର କଣ୍ଟିଜେନ୍ସି ପ୍ଲାନ ତିଆରି କରିବେ, ପଞ୍ଚାୟତକୁ ଆସୁଥିବା ୧୦ପ୍ରତିଶତ ବିପର୍ଯ୍ୟୟ ପ୍ରଶମନ ଦିଗରେ ଖର୍ଚ୍ଚ କରି ପାରିବେ ଏ ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ସାମ୍ବାଦିକ ଅମୂଲ୍ୟ କୁମାର ପତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପ୍ରଶାନ୍ତ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରକଳ୍ପ ସଂଯୋଜକ ଅଭିଷେକ୍ ପଣ୍ଡା, ନିରଞ୍ଜନ ମଲ୍ଲିକ, ସୁବ୍ରତ କୁମାର ପଢ଼ିହାରୀ, ସସ୍ମିତା ବେହେରା ଓ ଶ୍ୱେତପଦ୍ମା ସାହୁ ପରିଚାଳନାରେ ସହଯୋଗ କରିଥିଲେ।

